## ସଂକ୍ଷେପରେ

### ବିଦ୍ୟୁତ୍ ତାର ଚୋରି ଗ୍ୟାଙ୍ଗର ଆଉ ୨ ଗିରଫ

**ରୂପ୍‌ସା,୨୬।୮(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସଦର, ରୂପ୍‌ସା, ବସ୍ତା, ସିଂଲା, ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ବାରମ୍ବାର ବିଦ୍ୟୁତ୍ ତାର ଚୋରି ଘଟଣାରେ ସମ୍ପୃକ୍ତ ର୍‍ୟାକେଟ୍‌କୁ ଠାବ କରାଯିବା ପରେ ବସ୍ତା ଥାନା ପୋଲିସ ଆଉ ୨ଜଣ ଅଭିଯୁକ୍ତଙ୍କୁ ରବିବାର ରାତିରେ ଗିରଫ କରିଛି। ଶନିବାର ୪ ଜଣଙ୍କୁ ଧରାଯାଇଥିବାରୁ ଗିରଫ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ରବିବାର ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରାସଗୋବିନ୍ଦପୁର ଥାନା ମଣ୍ଡାଭାଟି ଗ୍ରାମର ଦୁଖୀ ବିନ୍ଧାଣୀ ଓ ବସ୍ତା ଥାନା ବାହାର୍ଦ୍ଧା ଗ୍ରାମର ରହିମୁଦ୍ଦିନ ଖଶନା। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ୬୦ନଂ ଜାତୀୟ ରାଜପଥରେ ଥିବା ୩୦କେଭି ବିଦ୍ୟୁତ୍ ଲାଇନର ଫୁଲାଡ଼ିଠାରୁ ରାଜଘାଟ ପର୍ଯ୍ୟନ୍ତ ଏବଂ ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ତାର କ୍ରମାଗତ ଭାବେ ଚୋରି ହେଉଥିବା ବେଳେ ପୋଲିସ କିଛି ଟେର୍ ପାଉ ନ ଥିଲା। ସମ୍ପୃକ୍ତ ଅଞ୍ଚଳରେ ଥିବା ୪ ଥାନାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗତ ଜୁନ୍ ୭ ତାରିଖରେ ବସ୍ତା ଅଞ୍ଚଳରୁ ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଏକ ଭ୍ୟାନ୍ ଓ ଲକ୍ଷାଧିକ ଟଙ୍କାର ତାର ଜବତ କରିଥିଲା। ଏହା ପରେ ଚୋର ଗ୍ୟାଙ୍ଗକୁ ଧରିବା ପାଇଁ ତନାଘନା ଚାଲିଥିଲା। ଏହି ପରିପ୍ରେକ୍ଷୀରେ ଗତ ଶନିବାର ଲଙ୍ଗଳେଶ୍ୱରର ଏକ କବାଡ଼ିଆ ଦୋକାନରେ ପୋଲିସ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପାରିଥିଲା। ସେମାନଙ୍କ ନିକଟରୁ ଏକ ସ୍କର୍ପିଓ ସହ ୩ଲକ୍ଷ ୫୭ହଜାର ଟଙ୍କାର ଚୋରି ବିଦ୍ୟୁତ୍ ତାର ଜବତ ହୋଇଥିଲା। ବିଦ୍ୟୁତ୍ ତାର ଚୋରି ଘଟଣାରେ ଏ ପର୍ଯ୍ୟନ୍ତ ମୋଟ୍ ୮ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଗ୍ୟାଙ୍ଗର ଆହୁରି ୭ରୁ ୮ ଜଣ ଫେରାର ରହିଥିବା ପୋଲିସ କହିଛି।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ବାହାନଗା,୨୬।୮(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ଗ୍ରାମର ଅଶେଷ ମଲିକ(୩୬) ନାମକ ଜଣେ ଯୁବକ ସୁଲ୍‌ପଟା ରାସ୍ତାରେ ବାଇକ ରଖି ଛିଡା ହୋଇଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ଗତ ଗୁରୁବାର ଦୁର୍ଘଟଣା ଘଟିବା ପରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଶେଷଙ୍କ ପରିବାର ତରଫରୁ ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହାର ତଦନ୍ତ କରୁଛି।

### ଦୁର୍ଘଟଣାରେ ଆହତ ବାଇକ ଆରୋହୀଙ୍କ ମୃତ୍ୟୁ

**ଖଇରା,୨୬।୮(ଡି.ଏନ୍.ଏ.):** ଡୁଙ୍ଗୁରାଠାରେ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଥିବା ଖଇରା ଥାନା କବର ଗ୍ରାମର ନରେନ୍ଦ୍ର ଗାହାଣଙ୍କର ସୋମବାର ସକାଳେ ପରଲୋକ ହୋଇଯାଇଛି। ଗତ ୨୦ତାରିଖ ଅପରାହ୍ନରେ ନରେନ୍ଦ୍ର ନିଜ ଶ୍ୱଶୁର ଘର ତେନ୍ତୁଳିଆ ଗ୍ରାମରୁ କାମ ସାରି ବାଇକରେ ଫେରୁଥିବା ବେଳେ ଡୁଙ୍ଗୁରା ବାରାପୁର ମଝି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡି ସଂଜ୍ଞାହୀନ ହୋଇ ଯାଇଥିଲେ। ନରେନ୍ଦ୍ରଙ୍କ ପରିବାରର ଅଭିଯୋଗ କ୍ରମେ ଖଇରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ସୁଅ ମୁହଁରେ ଅଥୟ କଙ୍କଡ଼ାପାଳ

- ବିପଦରେ ସୁବର୍ଣ୍ଣରେଖା ତଟବାସୀ
- ଅର୍ଥାଭାବରୁ ମାଷ୍ଟର ପ୍ଲାନ ଅଧୁରା
- ଭୀତି ବଢ଼ାଉଛି ଅଶାନ୍ତ ଜୁଆର ମାଡ଼

**ବାଲିଆପାଳ, ୨୬।୮(ଡି.ଏନ୍.ଏ.)**


କୂଳ ଖାଉଛି ସୁବର୍ଣ୍ଣରେଖା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚଉମୁଖ ପଞ୍ଚାୟତ କଙ୍କଡାପାଳ ଅଞ୍ଚଳରେ ସୁବର୍ଣ୍ଣରେଖା କୂଳ ଖାଇ ଗତିପଥ ବଦଳାଇବା ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଅଞ୍ଚଳବାସୀ ଭୟରେ ଦିନ ବିତାଉଛନ୍ତି। ସୁବର୍ଣ୍ଣରେଖା କୂଳକ୍ଷୟରୁ କଙ୍କଡାପାଳ ଗାଁକୁ ସୁରକ୍ଷା ଦେବା ସକାଶେ ଜଳସେଚନ ବିଭାଗ ତରଫରୁ ପ୍ରସ୍ତୁତ ମାଷ୍ଟରପ୍ଲାନ ଏଯାଏ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ କଙ୍କଡାପାଳ ନଦୀଗର୍ଭକୁ ଚାଲିଯିବା ଆଶଙ୍କା ସୃଷ୍ଟି ହୋଇଛି।

ଉଲ୍ଲେଖନୀୟ ଯେ, କଙ୍କଡାପାଳ ନିକଟରେ ନଦୀକୂଳ କ୍ଷୟ ହେଉଥିବାରୁ ଏହାକୁ ରୋକିବା ଲାଗି ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୫ଶହ ମିଟର ନଦୀକୂଳକୁ ପଥର ପ୍ୟାକିଂ କରାଯିବା ଲାଗି ୧୫କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ପରେ ଆସିଥିଲା ମାତ୍ର ୩କୋଟି ଟଙ୍କା। ସେଥିରେ ୪ ଶହ ମିଟର ଯାଏ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ କାମ ହୋଇପାରିନାହିଁ। ଅର୍ଥାଭାବରୁ କାମ ବନ୍ଦ ଥିବା ସମ୍ପର୍କରେ ଜଳସେଚନ ବିଭାଗ ପକ୍ଷରୁ ସରକାରଙ୍କୁ ଜଣାଇ ଦିଆଯାଇଛି। କଙ୍କଡାପାଳ ଗାଁରେ ବସବାସ କରୁଥିବା ୩୨୭ ପରିବାର ମଧ୍ୟରୁ ୧୨୭ ପରିବାରଙ୍କ ଘରଡିହ ନଦୀଗର୍ଭରେ ମିଶ ସାରିଲାଣି । ବାକି ୨ଶହ ପରିବାର ଏବେ ଆଶଙ୍କାରେ ଦିନ ବିତାଉଛନ୍ତି। ଏଠାରେ ପ୍ରସ୍ତାବିତ ବନ୍ଦର ହୋଇଥିଲେ ଗ୍ରାମବାସୀ ବାସଚ୍ୟୁତ ହୋଇ ଘର କରିବାକୁ ସୁରକ୍ଷିତ ସରକାରୀ ଜାଗା ଓ ଆର୍ଥିକ ସହାୟତା ପାଇଥାନ୍ତେ। ମାତ୍ର ବନ୍ଦର ନିର୍ମାଣ ଯୋଜନାର ଦିନ ଗଡି ଚାଲିଥିବା ବେଳେ ନଦୀକୂଳ ବାସିନ୍ଦା ଏବେ ଅଥୟ ସ୍ଥିତିରେ ରହିଛନ୍ତି।

ସମୁଦ୍ର ଓ ସୁବର୍ଣ୍ଣରେଖା ନଦୀର ମୁହାଣର ଅଳ୍ପ ଦୂରରେ କଙ୍କଡାପାଳ ଗ୍ରାମ ଥିବାରୁ ପ୍ରବଳ ଜୁଆର ମାଡ ହୋଇଥାଏ। ବିଗତ କିଛି ବର୍ଷ ମଧ୍ୟରେ ଗାଁର ଅନେକ ଘରବାଡି ସହିତ ଚାଷ ଜମି ନଦୀରେ ବିଲୀନ ହୋଇଗଲାଣି। ଗାଁର ସୁବଳ ମହାନ୍ତି କହିଛନ୍ତି, ପୂର୍ବରୁ ଗାଁ ଠାରୁ ୨ କି.ମି. ଦୂରରେ ନଈ ଥିଲା। ଏବେ ଗାଁକୁ ନଦୀ ଗିଳିଦେବାକୁ ବସଲାଣି। ତାଙ୍କ ଘର ୩ ଥର ନଈରେ ଭାସିଯିବାରୁ ସେ ଏବେ ଜଣେ ପଡୋଶୀଙ୍କ ଜାଗାରେ ଘର କରି ପିଲାଛୁଆଙ୍କୁ ଧରି ରହୁଛନ୍ତି। ଗତ ୫ବର୍ଷ ମଧ୍ୟରେ ଲକ୍ଷ୍ମୀକାନ୍ତ ଦାସ, ଶାମ ଗିରି, ବାବୁଲା ମହାନ୍ତି, ପୂର୍ଣ୍ଣ ମହାନ୍ତି ଓ କାହ୍ନୁ ମହାନ୍ତିଙ୍କ ପରି ୧୩୦ ଜଣଙ୍କ ଘର ନଦୀ ଗର୍ଭକୁ ଚାଲି ଯାଇଥିବା ଗ୍ରାମବାସୀ କହିଛନ୍ତି। ଏହି ଗ୍ରାମର ମହେନ୍ଦ୍ର ପାତ୍ରଙ୍କ ଘରବାଡିକୁ ଲାଗି ପୂର୍ବରୁ ୨ ଏକର ଜମି ଥିଲା। ନଈ ଖାଇଯିବାରୁ ଏହି ଜମି ବର୍ତ୍ତମାନ ୧୦ ଡିସିମିଲକୁ ଖସିଆସିଛି। ଗାଁରେ ୯୦ ପ୍ରତିଶତ ଲୋକ ମତ୍ସ୍ୟଜୀବୀ। ମାଛ ମାରି ଜୀବିକା ନିର୍ବାହ କରନ୍ତି। ସେମାନେ କହିଛନ୍ତି, ନଦୀରେ ଆସୁଥିବା ଜୁଆର ପାଣି ଉତ୍ତର ଦିଗ ଭୋଗରାଇ ପଟେ ମାଡ ନ କରି ଦକ୍ଷିଣ ପାଖ କଙ୍କଡାପାଳ ଗାଁ ପାର୍ଶ୍ୱକୁ ଖାଇ ଚାଲିଛି। ଜନସାଧାରଣ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ ଉଦାସୀନ ହୋଇ ରହୁଛି। ୧୫ ଶହ ମିଟର ପଥର ପ୍ୟାକିଂ ଯୋଜନା ହୋଇଥିବା ବେଳେ ମାତ୍ର ୪ଶହ ମିଟର କାମ କରାଯାଇଛି। ଅନ୍ୟପକ୍ଷେ ନିମ୍ନମାନର କାମ ହୋଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଉଛି। ଯଦି ସୁବର୍ଣ୍ଣରେଖାରେ ପ୍ରବଳ ବନ୍ୟା ଆସେ ତେବେ ସବୁକିଛି ଭାସି ଯିବ। ବର୍ତ୍ତମାନ ବର୍ଷାଦିନେ ଅଶାନ୍ତ ରୂପ ନେଉଥିବା ନଦୀ ଲୋକଙ୍କ ଆଖିରୁ ନିଦ ହଜାଇଛି। । ଅତୀତରେ ନିକଟସ୍ଥ ପିପିଲି ମୁହାଣ ପୋତି ହୋଇଯିବା ଯୋଗୁ ଏହି ଅଞ୍ଚଳ ପ୍ରତି ଅଧିକ ବିପଦ ମାଡି ଆସିଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଉପରସ୍ତରକୁ ପ୍ରସ୍ତାବ ପଠାଯାଇଛି, ଅର୍ଥ ମଞ୍ଜୁର ହେଲେ ପୂରା ତଟକୁ ସୁରକ୍ଷା ଦିଆଯାଇପାରିବ ବୋଲି କହିଛନ୍ତି।



ମୁଖ୍ୟଅତିଥି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## 'କ୍ରୀଡ଼ା ପ୍ରତିଭା ବିକାଶରେ ଶିକ୍ଷାୟତନର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ସିମୁଳିଆ,୨୬।୮(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ବିଦ୍ୟାଳୟର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ସୋମବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟକୁ ନେଇ ଗଠିତ ୧୬ଟି କ୍ଲଷ୍ଟରରୁ ୫ଜଣ ଲେଖାଏ ଓ ବିଭିନ୍ନ ୨୫ଟି ହାଇସ୍କୁଲରୁ ୧୨ଜଣ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ସୋମବାର ଜୁନିୟର ଓ ସିନିୟର ପ୍ରତିଯୋଗୀଙ୍କ ମଧ୍ୟରେ ଚେସ୍, ରଗ୍‌ବୀ, ସଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ, ଦୌଡ଼ ଇତ୍ୟାଦି କ୍ରୀଡା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର କବାଡି, ଖୋଖୋ, ଫୁଟବଲ, ସଫ୍ଟବଲ କ୍ରୀଡା ଅନୁଷ୍ଠିତ ହେବ।

ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଡ. ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ପର୍ଯ୍ୟଟନମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାର୍ଥୀଙ୍କ ଲାଗି ପାଠପଢା ଭଳି କ୍ରୀଡାଭ୍ୟାସ ଏକାନ୍ତ ଆବଶ୍ୟକ। କ୍ରୀଡା ପ୍ରତିଭା ବିକାଶରେ ଶିକ୍ଷାୟତନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ରୂପେ କଳାକାର ବଂଶୀଧର ନାୟକ ଯୋଗ ଦେଇ ନାକରେ ବଂଶୀ ବାଦନ କରିଥିଲେ। ଅତିଥି ରୂପେ ରାଜ୍ୟସ୍ତରୀୟ କ୍ରିକେଟର ଆକାଶ ସାହୁ, ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରମାକାନ୍ତ ପଣ୍ଡା, ରଘୁନାରାୟଣ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ଚରଣ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ରଘୁନାରାୟଣ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ତଥା ରଗ୍‌ବୀ ଚାମ୍ପିୟନ ସୁରେନ୍ଦ୍ର ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ରଘୁନାରାୟଣ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଓ ବର୍ତ୍ତମାନର କ୍ରୀଡ଼ା ଶିକ୍ଷକମାନେ ପରିଚାଳନା ଦାୟିତ୍ୱରେ ଥିଲେ।

## ଶିକ୍ଷକ ଦାବିରେ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ରସାଲପୁର,୨୬।୮(ଡି.ଏନ୍.ଏ.)**

ବାଲେଶ୍ୱର ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସାରଗାଁ ପଞ୍ଚାୟତ ଦଳଶୋସା ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆ ନ ଯିବା ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି। ସରପଞ୍ଚ ରବିନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ ଦାବି ଉପସ୍ଥାପନ କରି ସଫଳ ନ ହେବାରୁ ଶେଷରେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଖବର ପାଇ ସିଆର୍‌ସିସି ତ୍ରିଲୋଚନ ପରିଡ଼ା ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଦାବି ପୂରଣ ନହେଲା ପର୍ଯ୍ୟନ୍ତ ସ୍କୁଲ ଫାଟକରୁ ତାଲା ଖୋଲିବ ନାହିଁ ବୋଲି ଲୋକେ ଜିଦ୍ ଧରି ବସିବାରୁ ସେ ନିରାଶ ହୋଇ ଫେରିଯାଇଥିଲେ। ସ୍କୁଲରେ ତାଲା ପଡ଼ିବା ଯୋଗୁଁ ଛାତ୍ରୀଛାତ୍ର ଓ ଦୁଇଜଣ ଶିକ୍ଷୟିତ୍ରୀ ବାହାରେ ଛିଡ଼ା ହୋଇ ଘରକୁ ଫେରିଯାଇଥିଲେ। ସରକାରଙ୍କ ନିୟମ ମୁତାବକ ୩୦ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ନିଯୁକ୍ତି ପାଇବା କଥା। ଏହି ବିଦ୍ୟାଳୟରେ ୮୦ ଛାତ୍ରୀଛାତ୍ର ଥିଲାବେଳେ ମାତ୍ର ଦୁଇ ଜଣ ଶିକ୍ଷୟିତ୍ରୀ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ଶିକ୍ଷାବିଭାଗ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ତାଲା ପକାଇଥିବା କହିଛନ୍ତି।



ପଥ ବିକ୍ରେତା ସଂଘ ପକ୍ଷରୁ ସହର ପରିକ୍ରମା।

## 'ସ୍ଥାୟୀ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା କର'

### ପଥ ବିକ୍ରେତା ସଂଘ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ

**ବାଲେଶ୍ୱର ଅଫିସ,୨୬।୮**

ବାଲେଶ୍ୱର ଓଟି ରୋଡ୍‌ର ତାମୁଲିଆ ଫାଟକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଉଠାଦୋକାନ କରି ଦୈନନ୍ଦିନ ପରିବାର ଭରଣପୋଷଣ କରୁଥିବା ଶତାଧିକ ଦୋକାନକୁ ପୌରାଞ୍ଚଳ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଏଯାଏ ସେମାନଙ୍କୁ ଥଇଥାନ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏହାର ପ୍ରତିବାଦରେ ପଥ ବିକ୍ରେତା ସଂଘ ପକ୍ଷରୁ ସୋମବାର ପୌର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପଥ ବିକ୍ରେତାମାନେ ପୂର୍ବାହ୍ନରେ ଆଇଟିଆଇ ଛକ ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୌର କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେମାନେ ସେଠାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ରିତ ସରକାରଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ।

ପଥ ବିକ୍ରେତା ସଂଘ ପକ୍ଷରୁ କୁହାଯାଇଛି ଯେ, ପୌର କର୍ତ୍ତୃପକ୍ଷ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ସହ ସେମାନଙ୍କର ବିଭିନ୍ନ ସାମଗ୍ରୀ ନଷ୍ଟ କରିଦେଇଛନ୍ତି। ଏପରି କି କେତେକ ଅସାମାଜିକ ଲୋକଙ୍କୁ ଲଗାଇ ଅସ୍ଥାୟୀ ଠେଲା ଦୋକାନ ସବୁକୁ ନଷ୍ଟ କରି ଦିଆଯାଇଛି ବୋଲି ଓଡ଼ିଶା ପଥ ବିକ୍ରେତା ସଂଘ ଜିଲା ଶାଖା ଉପସଭାପତି ଆବିଦ ଖାନ୍ ଅଭିଯୋଗ କରିଥିଲେ। ସମ୍ପାଦକ ମୋହିନୀ ମୋହନ ପରିଡ଼ା ବିକ୍ଷୋଭ ଏବଂ ଶୋଭାଯାତ୍ରା ପରିଚାଳନା କରିଥିଲେ। ସହରର ସମସ୍ତ ଉଠାଦୋକାନୀ କମିଟିର ନେତୃବର୍ଗ ଓ କର୍ମକର୍ତ୍ତା ଏଥିରେ ସାମିଲ ହୋଇ ସେମାନଙ୍କ ନିମନ୍ତେ ଆଗ ସ୍ଥାୟୀ ଭେଣ୍ଡିଂ ଜୋନ୍ ନିର୍ମାଣ କରି ଥଇଥାନ କରିବା ପରେ ଏଣିକି ଉଚ୍ଛେଦ କାର୍ଯ୍ୟ କରାଯାଉ ବୋଲି ଦାବି କରିଥିଲେ। ଏ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବି ପତ୍ର ଦେବା ବେଳେ ନ୍ୟାଶନାଲ ହକର ଫେଡେରେଶନ୍‌ର ସର୍ବଭାରତୀୟ ଅତିରିକ୍ତ ସାଧାରଣ ସମ୍ପାଦକ ଜୟନ୍ତ ଦାସ, ଟିପିରି ସିଂ, ଅଭିରାମ ବାରିକ୍, ରାଜେଶ କୁମାର ପଣ୍ଡା, ମୁକ୍ତିକାନ୍ତ ଜେନା, ସାବିତ୍ରୀ ବେହେରା, ଦେବଜିତ୍ ବାରିକ୍, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଉଠାଦୋକାନୀଙ୍କ ଲାଗି ଥଇଥାନର ବ୍ୟବସ୍ଥା କରାଯାଉଛି ବୋଲି ଆଶ୍ୱାସନା ଦେଇଥିଲେ।


ଅତିଥିମାନେ ପଡ଼ିଆରେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ଜିଲାସ୍ତରୀୟ ସ୍କୁଲ ଫୁଟବଲ**

## ବସ୍ତା ଏସ୍‌ଏନ୍ ହାଇସ୍କୁଲ ଓ ନୀଳଗିରି ବଣଭୂଇଁ ହାଇସ୍କୁଲ ବିଜୟୀ

**ବାଲେଶ୍ୱର ଅଫିସ,୨୬।୮:** ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ସୁପରଲିଗ୍ ଖେଳରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲା କ୍ରୀଡ଼ାସଂଘର କାର୍ଯ୍ୟକାରୀ ସଭାପତି ଅଧିପ ଦାସ ଓ ଉପସଭାପତି ମିହିର କୁମାର ମହାପାତ୍ର ପଡ଼ିଆରେ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ପୂର୍ବାହ୍ନ ୯ଟା ୩୦ରେ ବସ୍ତା ଏସ୍‌ଏନ୍ ହାଇସ୍କୁଲ ଓ ଜଳେଶ୍ୱର ହାଇସ୍କୁଲ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା। ଏଥିରେ ବସ୍ତା ଏସ୍‌ଏନ୍ ହାଇସ୍କୁଲ ୩-୦ ଗୋଲରେ ବିଜୟୀ ହୋଇଥିଲା। ସେକ ଅବଦୁଲ ମଜିଦ, ସୁଦାମ ବୁଗୁଡାଇ.ଏସ ପିରଦୋସ ଓ ଚିତ୍ତରଞ୍ଜନ ପାସା ଖେଳକୁ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପୂର୍ବାହ୍ନ ୧୧ଟାରେ ନୀଳଗିରି ବଣଭୂଇଁ ହାଇସ୍କୁଲ ଓ ବାଲେଶ୍ୱର ମ୍ୟୁନିସିପାଲ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୀଳଗିରି ବଣଭୂଇଁ ହାଇସ୍କୁଲ ପ୍ରଥମାର୍ଦ୍ଧରେ ୩ଟି ଓ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ଦେଇ ବିଜୟୀ ହୋଇଥିଲା। ଅଶୋକ କୁମାର କର, କାର୍ତ୍ତିକ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ଦାସ ଖେଳ ପରିଚାଳନା କରିଥିଲେ। ହରମୋହନ ଦାଶ, ନିମାଇଁ ଚରଣ ରାଉତରାୟ, ବିରେନ୍ଦ୍ର ସ୍ୱାଇଁ, ଜଗଦୀଶ ବେହେରା, ସାଦିକ୍ ଅଲ୍ଲୀ ଖାଁ ପ୍ରମୁଖ ଜିଲା କ୍ରୀଡ଼ା ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ।

## 'ଆଗେ ଜମି ଦିଅ, ପରେ ଉଚ୍ଛେଦ'

**ବାଲେଶ୍ୱର ଅଫିସ,୨୬।୮**

ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆ, କରଞ୍ଜିଆ, ଆଇଟିଆଇ ପମ୍ପହାଉସ ନିକଟବର୍ତ୍ତୀ ଅଞ୍ଚଳରେ ସରକାରୀ ଜମିରେ ଦୀର୍ଘଦିନ ଧରି ଗଢ଼ି ଉଠିଥିବା ସ୍ଥାୟୀ ବାସିନ୍ଦାଙ୍କୁ ଉଚ୍ଛେଦ କରିବା ଲାଗି ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରି ସେମାନଙ୍କୁ ଆଗ ଥଇଥାନ କରିବାକୁ ଦାବି କରିଛନ୍ତି। ସେମାନେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଏହି ମର୍ମରେ ଏକ ଦାବି ପତ୍ର ପ୍ରଦାନ କରି ସେମାନଙ୍କୁ ଆଗ ଜମି ଦେବା ସହିତ ଘର ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରିବାକୁ ଦାବି କରିଛନ୍ତି।

ସହରର ଉତ୍ତରପୂର୍ବ ଦିଗରେ ଥିବା ଓଟିରୋଡ୍‌ରେ ସରକାରୀ ଆଇଟିଆଇ ପାର୍ଶ୍ୱରେ ଯାଇଥିବା ପକ୍କା ରାସ୍ତାକୁ ଆଇଟିଆଇ କର୍ତ୍ତୃପକ୍ଷ ଦଖଲକୁ ନେବା ପାଇଁ ଯୋଜନା କରୁଥିବା ଜଣାପଡିଛି। ଏହି ରାସ୍ତା ବନ୍ଦ ହେଲେ ଉକ୍ତ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ପରିବାର ଲୋକେ ସହରର ମୁଖ୍ୟରାସ୍ତାକୁ ବାହାରିବାରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେଠାକାର ବାସିନ୍ଦା ଅଭିଯୋଗ କରିଛନ୍ତି।

# ୭ମ ଅର୍ଥନୈତିକ ଗଣନା ଆରମ୍ଭ

### ୫୪୦ ସୁପରଭାଇଜର, ୨୪୩୬ ଗଣନାକାରୀ ନିୟୋଜିତ

**ବାଲେଶ୍ୱର ଅଫିସ,୨୬।୮**

ବାଲେଶ୍ୱର ସଦ୍‌ଭାବନା ସଭାଗୃହ ଠାରେ ସୋମବାର ସନ୍ଧ୍ୟାରେ ଜିଲାର ୭ମ ଅର୍ଥନୈତିକ ଗଣନା କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଗଣନା କାର୍ଯ୍ୟ ୩ରୁ ୪ ମାସ ମଧ୍ୟରେ ଶେଷ ହେବ। ଏହି ଗଣନା କାର୍ଯ୍ୟରେ ୫୪୦ ସୁପରଭାଇଜର, ୨୪୩୬ ଗଣନାକାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ଠିକ୍ ତଥ୍ୟ ସଂଗ୍ରହ କରିବା ଲାଗି ପରାମର୍ଶ ଦିଆଯାଇଛି।। ସରକାରଙ୍କ ଯୋଜନା ପ୍ରଣୟନ ଏବଂ ତାହାର କାର୍ଯ୍ୟାନ୍ୱୟନ ଏହି ଗଣନା ଉପରେ ନିର୍ଭର କରୁଥିବାରୁ ତଥ୍ୟ ସଂଗ୍ରହ କାର୍ଯ୍ୟର ପ୍ରତିମାସ ଥରେ ନିୟମିତ ଭାବେ ସମୀକ୍ଷା କରିବା ଲାଗି ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ଜିଲାର ପ୍ରତି ସହରାଞ୍ଚଳ, ବ୍ଲକ ଏବଂ ପଞ୍ଚାୟତକୁ ଏହି ଗଣନା କାର୍ଯ୍ୟରେ ସାମିଲ କରାଯାଇଛି। ଭାରତ ସରକାରଙ୍କ ପରିସଂଖ୍ୟାନ ଓ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ହେଉଥିବା ଏହି କାର୍ଯ୍ୟକ୍ରମକୁ ଜିଲାରେ କମନ ସର୍ଭିସ୍ ସେଣ୍ଟର (ଇ ଗଭର୍ଣ୍ଣାନ୍ସ ସର୍ଭିସେସ) ଇଣ୍ଡିଆ ଲିମିଟେଡ୍‌ର ଶାଖା ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିବା ସୂଚନା ଦିଆଯାଇଥିଲା। ବୈଠକରେ ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ, ଡିଆଇସି ଜେନେରାଲ ମ୍ୟାନେଜର ହରିହର ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜିଲା ମ୍ୟାନେଜର ଅରୂପ କୁମାର ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ବିକ୍ଷୋଭ ଓ ଘେରାଉରେ ସରିଲା ଜନଶୁଣାଣି

- ଆଇନଶୃଙ୍ଖଳା ସ୍ଥିତି ନେଇ ଉଦ୍‌ବେଗ
- ଜିଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ
- ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟା ନେଇ ଘେରିଲେ ଶତାଧିକ ମହିଳା

**ଭୋଗରାଇ,୨୬।୮(ଡି.ଏନ୍.ଏ.)**



ଜନଜୀବନ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରି ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସରରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ସରକାରୀ ଉନ୍ନୟନ ଯୋଜନାରେ ଅର୍ଥର ଉପଯୁକ୍ତ ଉପଯୋଗ ହେଉ ନ ଥିବା ଆଦି ବିଭିନ୍ନ ଅଭିଯୋଗ ନେଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ଧାରଣା ଦିଆଯାଇଥିଲା। ଫଳରେ ଜନଶୁଣାଣି କାର୍ଯ୍ୟକ୍ରମ ବେଳେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ବି. ଯୁଗଳ କିଶୋର କୁମାର, ଉପଜିଲାପାଳ ନିଲୁ ମହାପାତ୍ର, ପ୍ରକଳ୍ପ ଅଧିକାରୀ ରାମଚନ୍ଦ୍ର ଜେନା, ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ତହସିଲଦାର ସନତ କୁମାର ନାୟକ, ବିଡ଼ିଓ ଦୀପ୍ତି ରଞ୍ଜନ ସେଠୀ, ଏସ୍‌ଡ଼ିପିଓ ସୁଦର୍ଶନ ଦାଙ୍କ ସମେତ ସ୍ୱାସ୍ଥ୍ୟ, ବିଜୁଳି, ସେଚ, ପାନୀୟଜଳ, କୃଷି, ଗ୍ରାମ୍ୟ ଉନ୍ନୟନ ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ବିଭିନ୍ନ ଆଞ୍ଚଳିକ ସମସ୍ୟାର ପ୍ରତିକାର ହେଉ ନ ଥିବା ଦର୍ଶାଇ ବହୁ ସାମାଜିକ କର୍ମୀ ଓ ବ୍ୟକ୍ତିବିଶେଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଶନକାର୍ଡ଼, ଭତ୍ତା, ଆବାସ ଗୃହ, ପରିମଳ ପ୍ରଭୃତି ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଜିଲା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

ଜନଶୁଣାଣି ଅବସରରେ ତାଳସାରୀ ବେଳାଭୂମିରେ ଜଣେ ନାବାଳିକା ଛାତ୍ରୀଙ୍କୁ ସମ୍ପ୍ରତି ନିର୍ଯାତନା ଦେଇ ତାଙ୍କ ଆପତ୍ତିଜନକ ଭିଡ଼ିଓ ଉଠାଇ ବ୍ଲାକମେଲିଂ କରିବା ଘଟଣାରେ ସମ୍ପୃକ୍ତ ସମସ୍ତ ଅସାମାଜିକ ଯୁବକଙ୍କୁ ଅବିଳମ୍ବେ ଗିରଫ କରିବା, ବେଳାଭୂମିରେ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା, ମାଦକ ଦ୍ରବ୍ୟ ପ୍ରସାର ରୋକିବା ଆଦି ଦାବି ନେଇ ଜନଜୀବନ ସୁରକ୍ଷା ମଞ୍ଚର ବହୁ ସାମାଜିକକର୍ମୀ ବ୍ଲକ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନାରୀନେତ୍ରୀ ରୁବି ମହାନ୍ତି, ସରୋଜିନୀ ମହାନ୍ତି, କ୍ରିଷ୍ଣାରାଣୀ ସାହୁ, ଶିକ୍ଷାବିତ୍ ଉତ୍ସବ କୁମାର କର, ବିଶିଷ୍ଟ ସାମାଜିକ କର୍ମୀ ରାମନାରାଣ ମଜୁମ୍‌ଦାର, ରବୀନ୍ଦ୍ର ମହାନ୍ତି, ନାଗରିକ ସୁରକ୍ଷା ମଞ୍ଚର ସମ୍ପାଦକ ଗୌତମ ପାତ୍ର, କୃଷ୍ଣମୋହନ କର, ସରୋଜ ଖାଁ, ବିମଳ ମହାନ୍ତି, ଛାତ୍ରନେତା ହରେକୃଷ୍ଣ ଦାସ, ଆସମାନ ରାଜ ପ୍ରମୁଖ ଏକ ପ୍ରତିନିଧି ଦଳ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

କୁମାର ଜାଲିନା ଅଙ୍ଗନୱାଡ଼ି କେନ୍ଦ୍ରକୁ ଦୀର୍ଘ ୬ବର୍ଷ ଧରି କେହି କର୍ମୀ ଆସୁ ନ ଥିବା, ଛାତ୍ରୀଛାତ୍ରଙ୍କୁ ରନ୍ଧା ଖାଦ୍ୟରୁ ବଞ୍ଚିତ କରାଯାଉଥିବା ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବା ସମସ୍ୟା ନେଇ ଶତାଧିକ ମହିଳା ଜିଲାପାଳଙ୍କୁ ଘେରିଥିଲେ। ଜିଲାପାଳ ଯିବା ପରେ ମହିଳାମାନେ ଜନଶୁଣାଣି ହେଉଥିବା ଗୃହର ମୁଖ୍ୟ ଫାଟକ ସମ୍ମୁଖରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷେ କୋଷ୍ଟ କେନାଲ ଦଳରେ ପରିପୂର୍ଣ୍ଣ ଥିବାରୁ ଏହାକୁ ପରିଷ୍କାର କରିବା, ଡ୍ରେନେଜ ବିଭାଗରେ ହେଉଥିବା ଦୁର୍ନୀତି ବନ୍ଦ କରିବା ଲାଗି ଭାଜପା ନେତାମାନେ ଜିଲା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାଗବ ବସ୍ତି ମଧ୍ୟରେ କୁକୁଡ଼ା ଫାର୍ମକୁ ଉଚ୍ଛେଦ କରି ବସ୍ତିବାସିନ୍ଦାଙ୍କ ନିମନ୍ତେ ପରିବେଶକୁ ପରିଚ୍ଛନ୍ନତା ରଖିବା ସକାଶେ ସାମାଜିକକର୍ମୀ ଦିବ୍ୟେନ୍ଦୁ କୁମାର ସ'ଙ୍କ ନେତୃତ୍ୱରେ ୫୦ରୁ ଅଧିକ ବସ୍ତିବାସିନ୍ଦା ଜନଶୁଣାଣି କାର୍ଯ୍ୟକ୍ରମକୁ ଆସି ପ୍ରତିକାର ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏଭଳି ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଯୋଗୁ ବହୁ ଅଭିଯୋଗକାରୀ ଶିବିରରେ ଅଭିଯୋଗ ଉପସ୍ଥାପନ କରି ନ ପାରି ନିରାଶରେ ଫେରିଯାଇଥିଲେ। ତେବେ ଏଥିରେ ମୋଟ ୨୧୬ ଜଣ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୭/୨୦୧୯ Balasore, Tuesday, August 27/2019

# ୫ ରାଜପଥ ଲୁଟେରା ଗିରଫ

## ବିଭିନ୍ନ ମାରଣାସ୍ତ୍ର ସହ ୭ ମୋବାଇଲ, ୩ ବାଇକ୍, ୨୧,୬୩୦ ଟଙ୍କା ଜବତ

ସଜନାଗଡ଼,୨୬।୮(ଡି.ଏନ.ଏ.)

ରେମୁଣା, ଖନ୍ତାପଡ଼ାର ବିଭିନ୍ନ ସ୍ଥାନରେ ଲୁଟେରାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସେମାନେ ସାଧାରଣ ଲୋକଙ୍କ ସମେତ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଟାର୍ଗେଟ କରି ଲୁଟ୍‌ତରାଜ କରୁଥିବାରୁ ସାଧାରଣରେ ଆତଙ୍କର ବାତାବରଣ ଖେଳି ଯାଇଛି। ସମ୍ପ୍ରତି ଘଟିଥିବା କେତେକ ଲୁଟ୍ ଘଟଣା ନେଇ ନୀଳଗିରି ଥାନାରେ ୨ଟି, ରେମୁଣାରେ ୨ଟି, ଖନ୍ତାପଡ଼ା ଓ ବରହମ୍ପୁର ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ଆଇଆଇସି ସଦଳବଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ସେହିପରି ବରହମ୍ପୁର, ବାଲେଶ୍ୱର ଟାଉନ୍, ଖନ୍ତାପଡ଼ା, ଚାନ୍ଦିପୁର ଓ ରେମୁଣା ଥାନା ଅଧିକାରୀଙ୍କ ସହଯୋଗରେ ମିଳିତ ଚଢ଼ାଉ କରାଯାଇ ୫ ଲୁଟେରାଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାରର ମାରଣାସ୍ତ୍ର, ୭ ମୋବାଇଲ, ୩ ବାଇକ ଓ ନଗଦ ୨୧ହଜାର ୬୩୦ ଟଙ୍କା ଜବତ କରାଯାଇଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ ଗତ ୧୯ ତାରିଖ ସନ୍ଧ୍ୟାରେ ଏକ ଛିନ୍‌ତାଇ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ନୀଳଗିରି ଥାନା ଅଧୀନ ସଜନାଗଡ଼ ପଞ୍ଚାୟତର ହାତୀକୁଟ ଗ୍ରାମର ମହିଳା ଜୟନ୍ତୀ ବିଶ୍ୱାଳ ନୀଳଗିରି ସ୍ଥିତ ବନ୍ଧନ ବ୍ୟାଙ୍କରୁ ୧୦ହଜାର ଟଙ୍କା ଉଠାଇ ବସ୍ ଯୋଗେ ସଜନାଗଡ଼କୁ ଆସି ନିଜ ଘରକୁ ଚାଲି ଚାଲି ଯାଉଥିବାବେଳେ ଏକ ବାଇକ୍‌ରେ ୨ଜଣ ଯୁବକ ତାଙ୍କୁ ପିଛା କରି ଆସି ନୂଆସାହି ଛକ ଠାରେ ତାଙ୍କ ଟଙ୍କା ବ୍ୟାଗକୁ ଝାମ୍ପି ନେଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ବାଇକ୍ ପଛରେ ବସିଥିବା ଯୁବକ ଜଣକ ବ୍ୟାଗ୍ ଧରି ଫେରାର ହୋଇଯାଇ ଥିଲେ। ଅନ୍ୟଜଣଙ୍କୁ ଗ୍ରାମବାସୀ କାବୁ କରିନେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ଆଣିବା ପରେ ବିଗତ ଦିନରେ ଘଟିଥିବା କେତେକ ଛିନ୍‌ତାଇ ଘଟଣାରେ ତାଙ୍କ ସହଯୋଗୀଙ୍କ ସମ୍ପୃକ୍ତ ଥିବା ଜଣାପଡିଥିଲା। ଏନେଇ ନୀଳଗିରି ଥାନା ପକ୍ଷରୁ ମାମଲା (ନଂ. ୧୯୪/୧୯) ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଖନ୍ତାପଡ଼ା ଥାନା ପକ୍ଷରୁ ଏହି ଛିନ୍‌ତାଇ ର୍‍ୟାକେଟ୍‌ର ଅଭିଯୁକ୍ତ ବିରୁଆଁ ଗ୍ରାମର ନରେନ୍ଦ୍ର ନାୟକ (୧୯)ଙ୍କୁ ଗିରଫ କରାଯାଇ ତାଙ୍କଠାରୁ ଏକ ବାଇକ୍ ଓ ୧୭ହଜାର ଟଙ୍କା ଜବତ ହୋଇଥିଲା। ସେହିପରି ନୀଳଗିରି ପୋଲିସ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଅନ୍ୟ ୨ଟି ବାଇକ୍, ୨ଟି ତେଲେଙ୍ଗା କଟୁରୀ, ଗୋଟିଏ ଭୁଜାଲି ଓ ନଗଦ ଟଙ୍କା ଜବତ କରିଥିଲା। ସୋମବାର ନୀଳଗିରି ଏସ୍‌ଡ଼ିପିଓ ସୁଦାମ ଚରଣ ସାହୁ ଏଠାରେ ଏକ ଖବରଦାତା ସମ୍ମିଳନୀରେ ଏ ସମସ୍ତ ଘଟଣା ସମ୍ପର୍କରେ ସୂଚନା ଦେବା ସହ ଗିରଫ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା କହିଥିଲେ। ଗିରଫ ୫ ଅଭିଯୁକ୍ତ ହେଲେ ରେମୁଣା ଥାନା ସିଂଲା ହର୍ଷପୁରା ଗ୍ରାମର ସରୋଜ କୁମାର ଦାସ (୨୦) ଓ ଗୌତମ ଦାସ (୨୮), ଚାନ୍ଦିପୁର ଥାନା ପଞ୍ଚିବାଗ ଗ୍ରାମର ନିଶିକାନ୍ତ ଭୂୟାଁ (୧୯), ଖନ୍ତାପଡ଼ା ଥାନା ବିରୁଆଁ ଗ୍ରାମର ସରୋଜ ମହାଲିକ (୨୮), ଚାନ୍ଦିପୁର ଥାନା ଗବଗାଁ ଗ୍ରାମର ଶୁଭେନ୍ଦୁ ଦାସ (୧୯)। ଏହି ଛିନ୍‌ତାଇ ର୍‍ୟାକେଟ୍‌କୁ ଧରିବା ପାଇଁ ନୀଳଗିରି ଥାନା ଆଇଆଇସି ନଳିତା ମୋଦିଙ୍କ ସମେତ ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ, ସସ୍ମିତା ମଲ୍ଲିକ ସହାୟତା କରିଥିଲେ। ରେମୁଣା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ, ଖନ୍ତାପଡ଼ା ଆଇଆଇସି ଶ୍ରୀବଲ୍ଲଭ ସାହୁ, ବରହମପୁର ଓଆଇସି ଅଜୟ ମୁର୍ମୁ ର୍‍ୟାକେଟ୍‌କୁ ଧରିବାରେ ମଧ୍ୟ ସହଯୋଗ କରିଥିଲେ।



ନୀଳଗିରି ଥାନାରେ ଗିରଫ ୫ ଅଭିଯୁକ୍ତ।

## ସଂକ୍ଷେପରେ

### ବିଷାକ୍ତ ପୋକ କାମୁଡ଼ିବାରୁ ଶିଶୁକନ୍ୟା ମୃତ

ବାସୁଦେବପୁର,୨୬।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପାରାପୋଖରୀ ଗ୍ରାମରେ ରବିବାର ବିଷାକ୍ତ ପୋକ ମହୁରୋଳ କାମୁଡ଼ାରେ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଣେଶ ବିଶ୍ୱାଳଙ୍କ ଝିଅ ସାବିତ୍ରୀ। ସୂଚନା ଅନୁଯାୟୀ, ସାବିତ୍ରୀ ରବିବାର ସକାଳେ ସାଙ୍ଗ ପିଲାଙ୍କ ସହିତ ଖେଳୁଥିବା ବେଳେ କିଛି ମହୁରୋଳ ତାଙ୍କୁ କାମୁଡ଼ି ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଚାନ୍ଦିମାଳ ବଜାରରେ ଥିବା ଜଣେ ଘରୋଇ ଚିକିତ୍ସକଙ୍କ ପାଖରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଚିକିତ୍ସକ କେତେକ ମେଡିସିନ୍ ଓ ଇଞ୍ଜେକ୍ସନ ଦେଇଥିଲେ। ମଧ୍ୟାହ୍ନରେ ସାବିତ୍ରୀଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଞ୍ଚିଆ ସାମୁଦ୍ରିକ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା।

### ତିନି ତଲାକ୍ ମହିଳାଙ୍କ ସୁରକ୍ଷା ନେଇ ପ୍ରଶାସନ ତତ୍ପର

ସୋର, ୨୬।୮(ଡି.ଏନ୍.ଏ.): ସୋର ମ୍ୟୁନିସିପାଲିଟି ଅଧୀନ ପଠାଣମହଲା ବସ୍ତିର ଜଣେ ମୁସ୍‌ଲିମ୍ ମହିଳାଙ୍କୁ ତାଙ୍କ ସ୍ୱାମୀ ୩ ତଲାକ୍ ଦେବା ଘଟଣା ପରେ ସମ୍ପୃକ୍ତ ମହିଳଙ୍କୁ ସୁରକ୍ଷା ଦେବା ଲାଗି ପ୍ରଶାସନ ତତ୍ପର ହୋଇ ଉଠିଛି। ପର୍ବରୁ ଏହି ଘଟଣା ନେଇ ସୋର ଥାନାରେ ମାମଲା ରୁଜୁ ହୋଇଛି। ଏହି ମହିଳାଙ୍କୁ ଏବେ ହଇରାଣ କରାଯାଉଥିବା ଅଭିଯୋଗ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ସାମାଜିକ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁରକ୍ଷା ଅଧିକାରୀ ତହସିଲଦାର ଦେବୀ ପ୍ରସାଦ ଦାଶଙ୍କୁ ସମ୍ପୃକ୍ତ ମହିଳାଙ୍କୁ ସୁରକ୍ଷା ଦେବା ଏବଂ ତାଙ୍କ ଘରକୁ ବିଚ୍ଛିନ୍ନ ଥିବା ବିଦ୍ୟୁତ୍ ସଂଯୋଗ ଦେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଚିଠି ଲେଖି ଜଣାଇଛନ୍ତି। ଏନେଇ ତହସିଲଦାର ଦାଶଙ୍କୁ ପଚାରିବାରୁ ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ଓ ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ସହ ସେ ଯୋଗାଯୋଗ କରିଥିବା କହିଛନ୍ତି।

### ପୋଲ ଧସିବାରୁ ତଳକୁ ଖସିଲା ଟ୍ରକ




ଖଇରା,୨୬।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ-ମଛଦା ରାସ୍ତାରେ ଏକ ପରୁଣା ପୋଲରେ ଏକ ନଳକୂପ ଖୋଳା ମେଶିନ ବୋଝେଇ ଟ୍ରକ ଗଳିପଡିବା ଯୋଗୁଁ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଛି। ମଛଦା ଗ୍ରାମରେ ଏକ ବଡ ପାଣିଟାଙ୍କି ନିର୍ମାଣ ଲାଗି ମେଶିନ ଏକ ଟ୍ରକରେ ରବିବାର ରାତିରେ ଅଣାଯାଉଥିଲା। ମନ୍ଦିର ନିକଟରେ ଥିବା ପୋଲ ଦବି ଯିବା ଯୋଗୁଁ ପୋଲର ପଛ ପଟ ତଳକୁ ଗଳି ପଡିଥିଲା। ଫଳରେ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବାରୁ ଦିନ ତମାମ ଯାତାୟାତ ବନ୍ଦ ରହିଥିଲା।

### ଥମୁନି ଝାଡ଼ାବାନ୍ତି: ପୁଣି ୯ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ସଜନାଗଡ଼,୨୬।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଝାଡ଼ାବାନ୍ତିର ପ୍ରକୋପ ଥମିବାର ନାଁ ନେଉ ନାହିଁ। ପୂର୍ବରୁ ୨୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରୀଦଳ ଆସି ଚିକିତ୍ସା କରୁଥିଲେ ମଧ ସୋମବାର ପୁଣି ଭଉଁରିଆବାଡ଼ ପଞ୍ଚାୟତ କୁଡ଼ିମ୍ବପାଳ ଗ୍ରାମରେ ଆଉ ୯ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଆକ୍ରାନ୍ତଙ୍କୁ ନୀଳଗିରି ଓ ଅଯୋଧ୍ୟା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି କାନପୁର ଗ୍ରାମର ୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନୀଳଗିରି ମେଡ଼ିକାଲକୁ ଆସିଛନ୍ତି। ପୂର୍ବରୁ ଗତ ୪ ତାରିଖରେ ଔପଦା ବ୍ଲକ ବାଇଗଡ଼ିଆ ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଲୋକ ଏଥିର ଆକ୍ରାନ୍ତ ହୋଇଥିଲେ। ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ୧୬ ତାରିଖରେ ଶାଳବଣି ଏବଂ କୁଆନାଳୀ ଗ୍ରାମରେ ୯ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।

## ବଚସାରୁ ବ୍ଲେଡ୍‌ରେ ଆକ୍ରମଣ

ଠାକୁରମୁଣ୍ଡା,୨୬।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ କିରିକିଚିପାଳ ଗ୍ରାମରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ବେକକୁ ବ୍ଲେଡ଼ରେ କାଟି ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୩୩/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅପରାହ୍ନ ୩.୩୦ରେ ଗ୍ରାମର ଅଭୟ କୁମାର ବେହେରା ଓ ଅଷ୍ଟଶମ୍ଭୁ ବେହେରାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଅଭୟ କ୍ରୋଧାନ୍ୱିତ ହୋଇ ଏକ ବ୍ଲେଡ଼ ଆଣି ଅଷ୍ଟଶମ୍ଭୁଙ୍କ ବେକକୁ କାଟି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଅଷ୍ଟଶମ୍ଭୁଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି। ଅଭିଯୁକ୍ତ ଫେରାର ହୋଇ ଯାଇଥିବାରୁ ତାଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଥିବା ପୋଲିସ କହିଛି।

## ମୁମ୍ବାଇରେ କାର୍ଯ୍ୟରତ ଯୁବ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା,୨୬।୮(ଡି.ଏନ.ଏ.): ମୁମ୍ବାଇର ଅନ୍ଧାରୀ ଠାରେ ଏକ କମ୍ପାନୀରେ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ଗ୍ରାମର ଦେବାଶିଷ ମହାପାତ୍ର(୨୪)ଙ୍କର ଗତ ୨୩ତାରିଖ ରାତିରେ ସନ୍ଦେହ ଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ତାଙ୍କର ମୃତଦେହକୁ ଅନ୍ଧାରୀ ଷ୍ଟେଶନ ନିକଟସ୍ଥ ରେଳ ଲାଇନରୁ ଉଦ୍ଧାର କରାଯିବା ପରେ ସେଠାକାର ପୋଲିସ ତନାଘନା ଚଳାଇଛି। ଟ୍ରେନରେ କଟିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା କେହି କେହି କହୁଥିବା ବେଳେ ଆଉ କେହି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ପରିବାର ଲୋକେ ମୃତଦେହକୁ ଧରି ଘରକୁ ଫେରୁଥିବା ଜଣାପଡିଛି।




## ବିପଦ ସଙ୍କେତ ଉର୍ଦ୍ଧ୍ୱରେ ଜଳକା

## ତଳିଆ ଅଞ୍ଚଳ ସ୍ଥିତି ଉପରେ ନଜର

ବାଲେଶ୍ୱର ଅଫିସ/ବସ୍ତା,୨୬।୮(ସ୍ୱ.ପ୍ର.)

ବାଲେଶ୍ୱର ଜିଲାର ବସ୍ତା ଅଞ୍ଚଳ ଦେଇ ପ୍ରବାହିତ ଜଳକା ନଦୀରେ ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀ ତଳମୁଣ୍ଡର ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ଏହା ଅଞ୍ଚଳବାସୀଙ୍କ ମନରେ ଛନକା ସୃଷ୍ଟି କରିଛି। ପ୍ରଶାସନ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ମଥାନୀ ନିକଟରେ ନଦୀର ବିପଦ ସଂକେତ ୫.୫୦ ମିଟର ଥିବାବେଳେ ସୋମବାର ସନ୍ଧ୍ୟା ୭ଟା ବେଳେ ବନ୍ୟାଜଳ ୬.୪୨ ମିଟରରେ ପ୍ରବାହିତ ହେଉଥିଲା। ବାହାର୍ଦ୍ଦା ପଞ୍ଚାୟତର ଶିବଗୋଡିଆ ଠାରେ ନଦୀ ବନ୍ଧ ଦୁର୍ବଳ ଥିବା ଯୋଗୁଁ ସେଠାରେ ତତ୍କାଳ ଭିତ୍ତିରେ ବାଲି ବସ୍ତା ପକାଯାଇଛି। ଜିଲା ଜରୁରୀକାଳୀନ ଅଧିକାରୀ ଅଭୟ କୁମାର ନାୟକ କହିଛନ୍ତି, ଜଳକା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଥିଲେ ମଧ ଦୀର୍ଘ ୭ଘଣ୍ଟା ଧରି ଏହା ସ୍ଥିର ରହିଛି। ଅଳ୍ପ କେତେକ ଅଞ୍ଚଳରେ ବନ୍ୟା ଜଳ ଚାଷଜମି ଓ ତଳି ଅଞ୍ଚଳରେ ପ୍ରବେଶ କରିଛି। ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟାଞ୍ଚଳ ପରିଦର୍ଶନ କରି ଫେରିଛନ୍ତି । ସମ୍ଭାବ୍ୟ ବନ୍ୟାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାର ନରେନ୍ଦ୍ର ଖମାରୀ ଓ ବିଡ଼ିଓ କୁକୁମିନା ଦାସଙ୍କୁ ସ୍ୱତନ୍ତ୍ର ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏନ୍‌ଡ଼ିଆର୍‌ଏଫ୍ ଟିମ୍ ସହ ବୋଟ୍, ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼, ବିସ୍କୁଟ୍, କିରୋସିନ ଏବଂ ଔଷଧ ଭଳି ଅତ୍ୟାବଶ୍ୟକ ଜିନିଷ ମହଜୁଦ ରଖାଯାଛି।


ତଳି ଅଞ୍ଚଳରେ ଜଳକା ନଦୀର ବନ୍ୟା ଜଳ।

## ରାସ୍ତାରୁ କଲେଜ ଛାତ୍ରୀ ଅପହୃତ

ଜଳେଶ୍ୱର,୨୬।୮: ଜଳେଶ୍ୱର ନିକଟସ୍ଥ ୬୦ନଂ. ଜାତୀୟ ରାଜପଥର ରାୟାରାମଚନ୍ଦ୍ରପୁର ବାଇପାସ ନିକଟରୁ ଜନୈକା କଲେଜ ଛାତ୍ରୀଙ୍କୁ କେତେକ ଯୁବକ ଏକ କାର୍‌ରେ ଉଠାଇ ନେଇଥିବା ଛାତ୍ରୀଙ୍କ ପିତା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ଛାତ୍ରୀଙ୍କ ପିତା କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅପରାହ୍ନ ୧ଟା ୧୫ମିନିଟ୍ ସମୟରେ ଏକ ଅଜଣା ମୋବାଇଲ ନମ୍ବରରୁ ଫୋନ କରି ତାଙ୍କ ଝିଅର ସାଇକେଲ ଓ ବ୍ୟାଗ ୬୦ନଂ ଜାତୀୟ ରାଜପଥର ରାୟାରାମଚନ୍ଦ୍ରପୁର ବାଇପାସ ରାସ୍ତା କଡ଼ରେ ପଡ଼ିଥିବା କୁହାଯାଇଥିଲା। ସେ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ବ୍ୟାଗ୍ ଓ ସାଇକେଲ ପାଇଥିଲେ। କେତେକ ଲୋକ ଛାତ୍ରୀଙ୍କୁ ଏକ କାର୍‌ରେ ଉଠାଇ ନେଇ ଯାଇଥିବା ସେଠାରୁ ଶୁଣି ସେ ଥାନାକୁ ଯାଇ ଜଣାଇଥିଲେ। ଜଳେଶ୍ୱର ପୋଲିସ ତଦନ୍ତ କରୁଥିଲେ ମଧ ସନ୍ଧ୍ୟା ସୁଦ୍ଧା କାହାରିକୁ ଧରିବାରେ ସକ୍ଷମ ହୋଇ ପାରି ନାହିଁ।




## ରାସ୍ତା ମରାମତି ଦାବି ତେଜିଲା

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବାଲେଶ୍ୱର ଅଫିସ,୨୬।୮

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଚଷାଖଣ୍ଡ ପଞ୍ଚାୟତରେ ଥିବା ଫୁଲାଡ଼ି ଛକଠାରୁ ଚଷାଖଣ୍ଡ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ୫ଟି ପଞ୍ଚାୟତର ବାସିନ୍ଦା ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରି ନିରାଶ ହେବାରୁ ସେମାନେ ସୋମବାର ପୂର୍ବାହ୍ନରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ରାସ୍ତା ଦୁରବସ୍ଥା ସମସ୍ୟା ନେଇ ଲିଖିତ ଅଭିଯୋଗ କରିଛନ୍ତି। ୧୫ଦିନ ଭିତରେ ମରାମତି କରା ନ ଗଲେ ଚଷାଖଣ୍ଡ ପଞ୍ଚାୟତ ରାସ୍ତା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନ ଧରି ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଚଷାଖଣ୍ଡ ପଞ୍ଚାୟତ, ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ ଏବଂ ମୟୂରଭଞ୍ଜ ଜିଲାର କଳମା, ମହିଷାଶୂଳ, ପୁରୁଣିଆ ପଞ୍ଚାୟତର ଲୋକେ ଫୁଲାଡ଼ି –ଚଷାଖଣ୍ଡ ରାସ୍ତା ଉପରେ ନିର୍ଭର କରି ପ୍ରତିଦିନ ଯା'ଆସ କରିଥାନ୍ତି। ଚଷାଖଣ୍ଡ ପଞ୍ଚାୟତରେ ବୀର ବାଘା ଯତୀନଙ୍କ ଶହୀଦ ସ୍ମୃତିପୀଠ ରହିଛି। ଏହି ପର୍ଯ୍ୟଟନସ୍ଥଳୀକୁ ବାହାରୁ ଶତାଧିକ ଲୋକ ଆସିଥାନ୍ତି। ସଙ୍କୀର୍ଣ୍ଣ ରାସ୍ତା ହୋଇଥିବାରୁ ଦମକଳ ଓ ଆମ୍ବୁଲାନ୍ସ ସୁବିଧାରେ ଯା'ଆସ କରିପାରେ ନାହିଁ। ସ୍କୁଲ ପିଲାମାନେ ପ୍ରତିଦିନ ଯାତାୟାତ ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ପଞ୍ଚାୟତବାସୀ ଶରତ ନାୟକ, ମଣ୍ଟୁ ନାଏକ, ପ୍ରତାପ ବାରିକ, ସେକ ଆଦମତ, ଯତୀନ୍ଦ୍ର ବେହେରା, ସେକ୍ ସେକାରୁଦ୍ଦିନ, ସେକ ହେକିମୁଦି, ସେକ ସେରାଜ, ସେକ ମୁକସେଦ, ରହିମ ଖାଁ ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତା ଦୁରବସ୍ଥାର ପ୍ରତିକାର ଲାଗି ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଲିଖିତ ଭାବେ ମଧ ଜଣାଇଥିବା କହିଛନ୍ତି।


ରାସ୍ତା ମରାମତି ଦାବି ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୫ ପଞ୍ଚାୟତର ବାସିନ୍ଦା।

- ୧୫ ଦିନରେ ମରାମତି ନ ହେଲେ ରାସ୍ତାରୋକୋ ଆନ୍ଦୋଳନ
- ରାସ୍ତା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ

## ୮ ଚୋରା ବାଲି ବୋଝେଇ ଡମ୍ପର ଜବତ

ଜଳେଶ୍ୱର,୨୬।୮: ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି ଆସିଥିବାରୁ ବାଲି ଖାଦାନଗୁଡ଼ିକ ବନ୍ଦ ହୋଇଯାଇଛି। ଖାଦାନ ମାଲିକମାନେ ପୂର୍ବରୁ ଉଠାଇ ରଖିଥିବା ବାଲିକୁ ବର୍ତ୍ତମାନ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ କରି ଚଢ଼ା ଦାମ୍‌ରେ ବିକ୍ରି କରୁଛନ୍ତି। ଏଭଳି ସୂଚନାକୁ ଆଧାର କରି ଜଳେଶ୍ୱର ଥାନା ପୋଲିସ ସୋମବାର ଚଢ଼ାଉ କରି ୮ଟି ଚୋରା ବାଲି ବୋଝେଇ ଡମ୍ପର ଜବତ କରିବା ସହ ଗାଡିର ଡ୍ରାଇଭର ଓ ହେଲପରମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗାଡ଼ିଗୁଡ଼ିକ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲା କଣ୍ଟାଇ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।


ଜବତ ବାଲି ଡମ୍ପର।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ସାପ କାମୁଡାରେ ଛାତ୍ରୀଙ୍କ ମୃତ୍ୟୁ

ହାଟଡିହୀ,୨୬। ୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଡରମ୍ପାସ ଗ୍ରାମରେ ସାପ କାମୁଡାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱର୍ଗତ ରମାକାନ୍ତ ନାହାକଙ୍କ ଝିଅ ଅନୀତା ନାହାକ(୧୨)। ଗତ ଶନିବାର ରାତିରେ ସେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ରବିବାର ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ପରିସ୍ଥିତି ଗୁରୁତର ହେବାରୁ ସୋମବାର ଆନନ୍ଦପୁରରୁ କଟକ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ନନ୍ଦିପଦା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯)ରୁଜୁ କରିଛି।

## ହରିଣ ମାଂସ ଜବତ, ୨ ଶିକାରୀ ଅଟକ

ଆନନ୍ଦପୁର,୨୬। ୮(ସ୍ୱ.ପ୍ର.)- ଆନନ୍ଦପୁର ଥାନା ତନେଇପାଳ ଗ୍ରାମରୁ ୨ ଶିକାରୀଙ୍କୁ ବନ ବିଭାଗ କାବୁ କରିବା ସହିତ ସେମାନଙ୍କଠାରୁ ହରିଣ ମାଂସ ଜବତ କରାଯାଇଛି। ଦୁଇ ଜଣ ଶିକାରୀଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରଖାଯାଇଛି। ନିକଟସ୍ଥ ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲରୁ ଶିକାରୀମାନେ ଏକ ହରିଣକୁ ମାରି ମାଂସ କାଟି ବିକୁଥିଲେ। ହରିଣ ମରାଯିବା ଘଟଣା ସମ୍ପର୍କରେ ଖବରପାଇ ଡିଏଫଓ ଅଜିତ୍ ଶତପଥୀଙ୍କ ନିର୍ଦ୍ଦେଶରେ ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକ, ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ, ଫରେଷ୍ଟର ଶ୍ୟାମ ସୁନ୍ଦର ସାହୁ, ନବକିଶୋର ନାୟକ, ସଙ୍ଗୀତାରାଣୀ ଶାସିନି, ଫରେଷ୍ଟଗାର୍ଡ ସବ୍ୟସାଚୀ ଜେନା ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।

## ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

କେନ୍ଦୁଝର,୨୬।୮ (ସ୍ୱ.ପ୍ର./ଡି.ଏନ.ଏ.)-କେନ୍ଦୁଝର ଟାଉନ ଥାନା ଆଞ୍ଚଳିକ ପରିବହନ ଅଫିସ ନିକଟରେ ଥିବା ମୋବାଇଲ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଛି। ରାତିରେ ଚୋରମାନେ କୌଶଳତାର ସହ ସଟର ତାଡ଼ି ଚୋରି କରିଛନ୍ତି। ଏନେଇ ସୋମବାର ଟାଉନ ଥାନାରେ ଦୋକାନ ମାଲିକ ଭାଗବତ ପ୍ରଧାନ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ପାଖାପାଖି ଅଢେଇଲକ୍ଷ ଟଙ୍କାର ମୋବାଇଲ ନେଇ ଦୋକାନରେ ଥିବା କାଠବାକ୍ସକୁ ବାହାରେ ଫେପାଡ଼ି ଦେଇଛନ୍ତି। ଅଭିଯୋଗ ପରେ ସୋମବାର ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଆଣି ଚୋର ମାନଙ୍କୁ ଧରିବାପାଇଁ ପ୍ରକ୍ରିୟା ଜାରି ରଖିଛି। ନୂଆ ଏସ୍‌ପିଙ୍କ ଯୋଗଦାନ ବେଳେ ଏଭଳି ଚୋରି ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଏ ନେଇ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଅରୁଣ ଜେଟଲୀଙ୍କୁ ଶ୍ରଦ୍ଧାଞ୍ଜଳି

ଆନନ୍ଦପୁର,୨୬। ୮(ସ୍ୱ.ପ୍ର.)- ଆନନ୍ଦପୁର ଗାୟତ୍ରୀ ମନ୍ଦିର ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟଲୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଭାଜପା ନଗରମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜେଟଲୀଙ୍କ ମୃତ୍ୟୁ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି କହିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ପୂର୍ବତନ ଆନନ୍ଦପୁର ନଗରପାଳ ରାମଚନ୍ଦ୍ର ସାହୁ, ପୂର୍ବତନ ନଗରମଣ୍ଡଳ ସଭାପତି ନିରାକାର ଦଳେଇ, ଲକ୍ଷ୍ମୀଧର ମିଶ୍ର, ବିନୋଦ ମିଶ୍ର, ମୁରଲୀଧର ମିଶ୍ର, ଗଗନ ସିଂହ, ତ୍ରିଲୋଚନ ଦାସ, ଅଶୋକ କୁମାର ସାହୁ, ଗୋଲକ ବିହାରୀ ଜେନା, ସରୋଜ କୁମାର ସାହୁ, ଘାସିରାମ ନାୟକ, ପଞ୍ଚାନନ ରାଉତ, ରାହାସ ବିହାରୀ ସାହୁ, ପରିଆ ସାହୁ, ଲକ୍ଷ୍ମୀଧର ସାହୁ, ସୁରେନ୍ଦ୍ର ବାରିକ, ଅରୁଣ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଧାନ ଫସଲ ଉଜାଡ଼ିଲେ ୩୦ ହାତୀ

କେନ୍ଦୁଝର, ୨୬।୮ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜୁନପୁର ପଞ୍ଚାୟତ କଶିରାପାଟଣା ଗ୍ରାମରେ ଜଙ୍ଗଲୀ ହାତୀ ଉପଦ୍ର ଯୋଗୁଁ ବ୍ୟାପକ ଫସଲ ହାନି ଘଟିଛି। ହାତୀ ପଲ ଫସଲ ଖାଇବା ସହିତ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ରବିବାର ବିଳମ୍ବିତ ରାତିରେ ହାତୀପଲ କଶିରାପାଟଣା ଜଙ୍ଗଲରୁ ବାହରି ଜଗନ୍ନାଥପୁର ଅମୃତପଡ଼ା ଗାଁ ଧାନବିଲରେ ପଶି କ୍ଷୟ କ୍ଷତି କରିବା ସହ ନିକଟସ୍ଥ ଜଙ୍ଗଲକୁ ପଳାଇଛନ୍ତି। ଫଳରେ ଚାଷ କରିଥିବା ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏନେଇ ଚାଷୀମାନଙ୍କ ଚିନ୍ତା ବଢିଯାଇଛି। ବହୁକଷ୍ଟ କରି ଧାନ ଚାଷ କରି ଧାନଗଛ ବଢ଼ହେବା ସମୟରେ ଫସଲ ଉଜୁଡ଼ିବା ଦେଖି ଚାଷୀକୂଳ ହତାଶ ହୋଇପଡିଛନ୍ତି। ଧାରକରଜ କରି ବିହନ ଓ ସାର ଖର୍ଚ୍ଚ କରିବା ସହ ବିଲରେ ମୂଲ ଖଟାଇ ଚାଷ କରିଥିବା ବେଳେ ଏଭଳି ହାତୀ ଉପଦ୍ରବରେ କ୍ଷତି ସେମାନଙ୍କ ଅଣ୍ଟାକୁ ଭାଙ୍ଗିଦେଇଛି। ଲୋକଙ୍କ କହିବା ଅନୁଯାୟୀ ରାତିରେ ଶୋଇଥିବାବେଳେ ୩୦ଟି ହାତୀ ଜଙ୍ଗଲରୁ ଆସି କଶିରା ଜଙ୍ଗଲ ପଟୁ ବାହାରି ଜଗନ୍ନାଥପୁର ଅମୃତପଡ଼ା ଦେଇଯାଇଛନ୍ତି। ଫଳରେ ଧାନ ଚାଷ କରିଥିବା କଶିରା ଗ୍ରାମର ରଙ୍ଗାଧର ମହାନ୍ତଙ୍କ ପ୍ରାୟ ତିନି ଏକର, ଇଶ୍ୱର ମହାନ୍ତଙ୍କ ଗୋଟିଏ ଏକର, ରାମଚନ୍ଦ୍ର ମହାନ୍ତଙ୍କ ଦୁଇ ଏକର, ଗୋପିନାଥ ମହାନ୍ତଙ୍କ ଦେଢ ଏକର, ନିଳାମ୍ବର ମହାନ୍ତଙ୍କ ଦେଢ ଏକର , ପରୁଷୋତ୍ତମ ମହାନ୍ତଙ୍କ ଗୋଟିଏ ଏକର, ପବିତ୍ର ମହାନ୍ତଙ୍କ ଅଧା ଏକର, କଶିରା ଅମୃତପଡ଼ା ଗ୍ରାମର ଶିବ ମାଝୀଙ୍କ ଗୋଟିଏ ଏକର, ରେଖାନା ମୁଣ୍ଡାଙ୍କ ଗୋଟିଏ ଏକର, କମଳା ମାଝୀଙ୍କ ଅଧା ଏକର ଚାଷ ଜମିରେ କରିଥିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଚାଷୀମାନେ କେନ୍ଦୁଝର ବନବିଭାଗ ଅଧିକାରୀ ଏବଂ ପ୍ରଶାସନ ନିକଟରେ ତୁରନ୍ତ ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।



ହାତୀ ଦଳିବାରୁ ଧାନ ଫସଲ ନଷ୍ଟ ହୋଇଯାଇଛି।

## ଶାଳକାଠ ସହ ଅଟୋରିକ୍ସା ଜବତ

କେନ୍ଦୁଝର, ୨୬।୮(ସ୍ୱ.ପ୍ର.)

ଆନନ୍ଦପୁର ବନ୍ୟପ୍ରାଣୀ ବନ ଖଣ୍ଡ ଅଧୀନ ଦେଓଗାଁ ରେଞ୍ଜ ଭଗାମୁଣ୍ଡା ଗ୍ରାମ ମେଡିକାଲ ନିକଟରୁ ବନ ବିଭାଗ ଚଢ଼ାଉ କରି ଏକ ଶାଳ କାଠ ବୋଝେଇ ଅଟୋ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୧୫ ହଜାର ଟଙ୍କାର ହେବ। ରବିବାର ରାତି ୧୧ଟା ସମୟରେ ଏହି ଅଟୋରେ ଶାଳକାଠ ଗୁଡ଼ିକୁ ଅଟୋରିକ୍ସା ଯୋଗେ କେଶଦୁରାପାଳକୁ ଚୋରା ଚାଲାଣ ହେଉଥିଲା। ଖବର ପାଇ ଅଜିତ ଶତପଥୀଙ୍କ ଆଦେଶ କ୍ରମେ ହରିଚନ୍ଦନପୁର ଓ ଭଗାମୁଣ୍ଡା ବିଟ ହାଉସର ବନବିଭାଗ କର୍ମଚାରୀଙ୍କ ମିଳିତ ଚଢାଉ କରି ଜବତ କରିଥିଲେ। ଜବତ ହୋଇଥିବା କାଠ ସହ ଅଟୋରିକ୍ସାକୁ ହରିଚନ୍ଦନପୁର ବନବିଭାଗ କାର୍ଯ୍ୟାଳୟକୁ ଆଣି ଅଧିକ ତଦନ୍ତ ଜାରି ରଖିଛି। ଅଟୋ ଚାଳକ ଓ ମାଲିକଙ୍କୁ ଗିରଫ କରି ତଦନ୍ତ କରାଗଲେ ଏହା ପଛରେ ଥିବା କାଠ ମାଫିଆଙ୍କ ର୍ୟାକେଟର ପର୍ଦ୍ଦାଫାଶ ହୋଇପରିବ ବୋଲି ମତ ପ୍ରକାଶ ପାଉଛି।

## ଟ୍ରକ ଧକ୍କାରେ ବୃଦ୍ଧା ମୃତ, ଚାଳକ ଗିରଫ

ବଡବିଲ, ୨୬।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ନାଲଦା ଠାରେ ସୋମବାର ସକାଳେ ଏକ ୧୨ ଚକିଆ ଟ୍ରକ ଚାପାରେ ଲକ୍ଷ୍ମୀ ସିଙ୍କୁ(୫୫) ନାମ୍ନୀ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ବଡବିଲ ଥାନାଞ୍ଚଳରେ ବେପରୁଆ ଓ ଦ୍ରୁତଗତିରେ ଭାରିଯାନ ଚଳାଚଳ ସଡକ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି। ପ୍ରଶାସନିକ କଟକଣା ସତ୍ତ୍ୱେ ସକାଳ ୬ଟା ପରେ ମଧ୍ୟ ସହରାଞ୍ଚଳ ଦେଇ ଭାରିଯାନ ଚଳାଚଳ କରୁଥିଲେହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଫଳରେ ସହରରେ ଅଯଥା ଟ୍ରାଫିକ ସମସ୍ୟା ଦେଖାଦେବା ସହ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି।

ଏଭଳି ଏକ ଘଟଣା ସୋମବାର ସକାଳେ ନାଲଦା ଠାରେ ଘଟିଛି। ସୋମବାର ସକାଳ ୬ଟା ୩୦ ମିନିଟ ସମୟରେ ନାଲଦାସ୍ଥିତ ୧୦ ନଂ ରାଜ୍ୟ ରାଜପଥର ଗୋଟିଏ ପାର୍ଶ୍ୱରୁ ଅପରାପାର୍ଶ୍ୱକୁ ଲକ୍ଷ୍ମୀ ସିଙ୍କୁ ପାର ହେବାବେଳେ ଏକ ୧୨ ଚକିଆ ଟ୍ରକ ଦ୍ରୁତଗତିରେ ବେପରୁଆ ଭାବେ ବୃଦ୍ଧାଙ୍କୁ ଧକ୍କା ମାରିବା ସହ ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ବୃଦ୍ଧାଙ୍କର ଘଟଣାସ୍ଥଳରେହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରି ଅଭିଯୁକ୍ତ ଚାଳକ ଧର୍ମେନ୍ଦ୍ର ସିଂହଙ୍କୁ ଗିରଫ କରିଛି। ଏନେଇ ବଡବିଲ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜମିବାଡି ଗଣ୍ଡଗୋଳ: ୭ ଗୁରୁତର

ଆନନ୍ଦପୁର, ୨୬।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ଥାନା ଦରଡିପାଳ ପଂଚାୟତ ଟୋଲଙ୍ଗନେଣ୍ଡି ଗ୍ରାମରେ ଜମିବାଡିକୁ କେନ୍ଦ୍ର କରି ଦୁଇ ପରିବାରରେ ଗଣ୍ଡଗୋଳ ଘଟି ୭ ଗୁରୁତର ହୋଇଥିବା ଜଣାପଡିଛି। ଧାନବିଲରରେ ମାଟି ପକାକୁ ନେଇ ଦୁଇ ପରିବାର ମଧ୍ୟରେ ବଚସା ପରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଗୋଟିଏ ପରିବାରରୁ ୪ ଜଣ ଏବଂ ଅନ୍ୟ ଗୋଟେ ପରିବାରରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମାନଙ୍କୁ ପ୍ରଥମେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ବେଳକୁ ଘସିପୁରା ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି।

## କାଠ ବୋଝେଇ ପିକ୍‌ଅପ୍ ଜବତ, ଜଣେ ଗିରଫ



କାଠ ସହ ଜବତ ହୋଇଥିବା ପିକ୍‌ଅପ୍।

କେନ୍ଦୁଝର, ୨୬।୮(ଡି.ଏନ୍.ଏ./ ସ୍ୱ.ପ୍ର.)

କେନ୍ଦୁଝର ସହରର ଭାଲୁକିପାତଳା ସାହିରୁ କେନ୍ଦୁଝର ଟାଉନ ପୋଲିସ ଏକ କାଠ ବୋଝେଇ ପିକ୍‌ଅପ୍ ଜବତ କରିବା ସହ ଗାଡି ଡ୍ରାଇଭରକୁ ଧରିବାରେ ସକ୍ଷମ ହୋଇଛି। ସୋମବାର ଭୋର ସମୟରେ କୌଣସି ସୂତ୍ରରୁ ଖବରପାଇ ଟାଉନ ପୋଲିସ କାଠ ଅନ୍‌ଲୋଡ୍ କରିବାବେଳେ ପିକ୍‌ଅପ୍ ଭ୍ୟାନ ଜବତ ସହ ଡ୍ରାଇଭର ଶଙ୍ଖାଳି ମହାକୁଡ(୨୭)ଙ୍କୁ କାବୁ କରିଥିଲା। ଗାଡିରେ ଥିବା ଅନ୍ୟ ୨ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ସକ୍ଷମ ହୋଇଛନ୍ତି। ପରେ ଟାଉନ ପୋଲିସ କାଠଗାଡି ସହ ଡ୍ରାଇଭରକୁ ଧରି ବନବିଭାଗକୁ ହସ୍ତାନ୍ତର କରିଛି। ଏନେଇ ବନବିଭାଗ ଏକ ମାମଲା (ନଂ.୨୩/୧୯) ରୁଜୁ କରି ପିକ୍‌ଅପ୍ ଭ୍ୟାନ୍ ସହ ୧୨୧ ସିଫ୍ଟ ଶାଳ, କଶି କାଠ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ଘର କରଞ୍ଜିଆ ଥାନାର ଘୋଷଦା ଅଞ୍ଚଳରେ ବୋଲି ଜଣାପଡିଛି। ତେବେଜବତ କାଠର ଆନୁମାନିକ ମୂଲ୍ୟ ୮୦ହଜାର ହେବ ବୋଲି ସଦର ରେଞ୍ଜର ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଚୋରା କାଠ ବୋଝେଇ ପିକ୍‌ଅପ୍‌ଟି ମୟୂରଭଞ୍ଜ ଜିଲା ଚଢେଇଭୋଳରୁ କେନ୍ଦୁଝର ସହରକୁ ଆସୁଥିଲା।

## ୫୧ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ।

ଚମ୍ପୁଆ,୨୬।୮(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ବ୍ରହ୍ମପୁର କରିଆ ଶିଶୁ ମନ୍ଦିରଠାରେ ଚମ୍ପୁଆ ସଙ୍କୁଳର ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ଜ୍ଞାନ ବିଜ୍ଞାନ ମେଳାରେ ମୁଖ୍ୟଅତିଥି ଭାବେ ସଙ୍କୁଳ ପ୍ରମୁଖ ଗଙ୍ଗାଧର କର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଙ୍କୁଳ ସଂଯୋଜକ ଧରଣୀଧର ଦାସ, ଚନ୍ଦ୍ର ମୋହନ ନାଏକ, ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନର ନୂତନ ଉଦ୍ଭାବନ ଏବଂ ସମାଜରେ ଏହାର ସଦ୍ ବ୍ୟବହାର ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ବିଚାରକ ଭାବେ କାଶୀନାଥ ମହାନ୍ତ, କଳାକାର ମହାନ୍ତ, ବିଜୟ କୁମାର ଗିରି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରାଜ ନାରାୟଣ ସାହୁ ଓ ଗୀତାଞ୍ଜଳି ସାହୁ ୫୧ଟି ପ୍ରକଳ୍ପରୁ ଶ୍ରେଷ୍ଠ ପ୍ରକଳ୍ପଗୁଡିକୁ ଚୟନ କରିଥିଲେ। ଏହି ବିଜ୍ଞାନ ମେଳାରେ ୨୮୭ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରକଳ୍ପଗୁଡିକ ଆସନ୍ତା ସେପ୍ଟେମ୍ବର ୬ ଓ ୭ ତାରିଖରେ ଝୁମ୍ପୁରାଠାରେ ଅନୁଷ୍ଠିତ ଜିଲା ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାରିଣୀ ମିନେରାଲର ପରିଚାଳନା ନିର୍ଦ୍ଦେଶକ ମିତ୍ରଭାନୁ ମହାନ୍ତ ଓ ବିଜ୍ଞାନ ଶିକ୍ଷକ କଳାକାର ମହାନ୍ତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ମିଳିତ ଅଭିଯୋଗ ଶୁଣାଣି

ଘଟଗାଁ, ୨୬।୮(ଡି.ଏନ.ଏ.)

ସୋମବାର ପଞ୍ଚାୟତ ସମିତି, ଘଟଗାଁର ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଏସ୍.ପିଙ୍କର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ସମୁଦାୟ ୫୨ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୨ ଅଭିଯୋଗର ତ୍ୱରିତ ସମାଧାନ କରାଯାଇ ଅନ୍ୟଗୁଡ଼ିକୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଜିଲାପାଳ ଆଶିଷ ଠାକ୍‌ରେ, ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ସିଡିଏମ୍‌ଓ ଡାଃ. ସୁଧାଂଶୁ ଶେଖର ବଳ, ପି.ଏ. ଆଇଟିଡିଏ ନାରାୟଣ ମୁର୍ମୁଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ଯୋଗ ଦେଇଥିଲେ।

### ■ ଗଳାକାଟି ମହିଳାଙ୍କୁ ହତ୍ୟା ଘଟଣା

## ଫେରାର ଅଭିଯୁକ୍ତ ଗିରଫ

ଯୋଡ଼ା, ୨୬।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଲହୁଣିପଶି ଗ୍ରାମରେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ଘଟଣାରେ ରବିବାର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତର ନାମ ଶୁକ୍ରା ମୁଣ୍ଡା(୩୨)। ଗତ ୧୫ ତାରିଖ ଅପରାହ୍ନରେ ଉକ୍ତ ଗ୍ରାମର ମହିଳା ଶୁକୁରମୁନି(୫୦) ନିକଟସ୍ଥ ଗ୍ରାମ ଜଙ୍ଗଲରେ ଗାଈ ଚରାଉଥିଲେ। ଏହି ସମୟରେ ଅଭିଯୁକ୍ତ ଶୁକ୍ରା ମୁଣ୍ଡା ତାଙ୍କୁ ଖଇନି ଖାଇବାକୁ ମାଗିଥିଲେ। ସେ ଖଇନି ନ ଦେବାରୁ ଅଭିଯୁକ୍ତ ଶୁକ୍ରା ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଗଳା କାଟି ହତ୍ୟା କରି ଫେରାର ହୋଇଯାଇଥିଲେ। ଏହି ଘଟଣାର ୩ ଦିନ ପରେ ପୋଲିସ ଜଙ୍ଗଲରୁ ମୃତଦେହ ଉଦ୍ଧାର କରି ଏହାର ତଦନ୍ତ ଜାରି ରଖିଥିଲା। ଏହି ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଜଣାପଡିଥିଲା ଯେ, ମହିଳା ଶୁକୁରମୁନିଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ହେଉଛନ୍ତି ତାଙ୍କ ସମ୍ପର୍କୀୟ ଦିଅର। ପୂର୍ବରୁ ଉଭୟଙ୍କ ପରିବାର ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଥିଲା । ଏହି ହତ୍ୟାକାଣ୍ଡ ନେଇ ବାମେବାରୀ ଥାନାରେ ଏକ ମାମଲା (ନଂ ୧୦୨/୧୯) ରୁଜୁ ହୋଇଥିଲା। ପୋଲିସ ଦଫା ୩୦୨ ହତ୍ୟା ମାମଲାରେ ଅଭିଯୁକ୍ତ ଶୁକ୍ରା ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ■ ବାପ ଘରେ ମହିଳାଙ୍କୁ ଆକ୍ରମଣ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଆନନ୍ଦପୁର/ହାଟଡିହୀ, ୨୬।୮ (ସ୍ୱ.ପ୍ର/ ଡି.ଏନ୍.ଏ.)

ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଧୀନ ବଡ ରମ୍ପାସ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଶ୍ୱଶୁର ଘର ଲୋକ ଆକ୍ରମଣ କରିଥିବା ଅଭିଯୋଗ ହାଇଛି। ବାପ ଘର ଲୋକ ମହିଳାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି। ସେ ଦେଢ ବର୍ଷ ତଳେ ବିବାହ କରିଥିଲେ। ତେବେ ବାହାଘରର କିଛି ମାସ ପରେ ମହିଳା ଜଣକ ଗର୍ଭ ଧାରଣ କରିବା ଘଟଣା ଶ୍ୱଶୁର ଘର ଲୋକେ ଜାଣିବା ପରଠାରୁ ତାଙ୍କ ଚରିତ୍ର ଉପରେ ସନ୍ଦେହ କରିଥିଲେ। ସେଥିପାଇଁ ନିର୍ଯାତନା ଦେବାରୁ ସେ କିଛି ଦିନ ହେଲା ବାପ ଘରେ ରହୁଥିଲେ। ସୋମବାର ସକାଳୁ ହଠାତ ସ୍ୱାମୀ ସହ ଶାଶୁ, ଶ୍ୱଶୁର ଓ ଦିଅର ମହିଳାଙ୍କ ବାପ ଘରେ ପହଞ୍ଚି ପାଟିତୁଣ୍ଡ କରିବା ସହିତ ମିଳିତ ଭାବେ ଆକ୍ରମଣ କରିଥିବା ମହିଳାଙ୍କ ବାପ ଘର ଲୋକ କହିଛନ୍ତି। ଅପରପକ୍ଷେ ଖବର ଲେଖା ହେବା ସୁଦ୍ଧା ଏହି ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

### ■ ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତି

## ମୁହଁରେ କଳାପଟି ବାନ୍ଧି ଛାତ୍ରଙ୍କ ପ୍ରତିବାଦ

ବଡବିଲ, ୨୬।୮ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିବା ନିଷ୍ପତ୍ତିକୁ କେନ୍ଦୁଝର ଜିଲା ବଡବିଲରେ ଏଆଇଏସଏଫ୍ (ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ ଫେଡେରେଶନ) ଛାତ୍ରମାନେ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କରିଛନ୍ତି। ହିଂସାର ଆଳ ଦେଖାଇ ସରକାର ଛାତ୍ର ସଂସଦର ନିର୍ବାଚନକୁ ବନ୍ଦ କରିବାକୁ ନେଇଥିବା ନିଷ୍ପତ୍ତି ଅଗଣତାନ୍ତ୍ରିକ ତଥା ମସ୍ତକ ଛେଦନ ଭଳି ନିଷ୍ପତ୍ତି ବୋଲି ଛାତ୍ର ସଂଘ ପ୍ରକାଶ କରିଛି। ଏନେଇ ସୋମବାର ବଡବିଲସ୍ଥିତ ପୁରୁଣା ବସଷ୍ଟାଣ୍ଡ ଠାରେ ଏଆଇଏସଏଫ ଛାତ୍ରମାନେ ପ୍ରତିବାଦ ଜଣାଇଛନ୍ତି।




ଏଆଇଏସଏଫ ଛାତ୍ରମାନେ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କରୁଛନ୍ତି।



ଏଣେ ଜଙ୍ଗଲ ସୁରକ୍ଷା, ତେଣେ ଜୀବିକା ପାଇଁ ଜଙ୍ଗଲ ନଷ୍ଟ। ସଚେତନତା ଓ କର୍ମ ନିଯୁକ୍ତି ସୁଯୋଗର ଅଭାବ ଯୋଗୁ ଜଙ୍ଗଲ କ୍ଷୟ ହେଉଛି। କିନ୍ତୁ ବନ ବିଭାଗ ହାତ ବାନ୍ଧି ବସିଛି। କେନ୍ଦୁଝର ଜିଲା ମୁଖ୍ୟାଳୟ ରାଜ ରାସ୍ତାରେ ବହୁ ସଂଖ୍ୟାରେ ବନବାସୀ ବହୁ କଷ୍ଟ କରି ଭାର ଓ ମୁଣ୍ଡରେ ଜାଳେଣୀ ପାଇଁ କାଠ ବୋହି ପାଦରେ ଚାଲି ଚାଲି ଆଣି ବିକୁଛନ୍ତି। (ଫଟୋ– ନରେଶ)

### ■ ସୋସୋ ପଞ୍ଚାୟତରେ ଅନିୟମିତତା ଅଭିଯୋଗ

## ବ୍ଲକରୁ ମିଳୁନି ତଥ୍ୟ, ଭିଜିଲାନ୍ସ ତଦନ୍ତ ଦାବି

ହାଟଡିହୀ, ୨୬।୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଛି । ସରକାରୀ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କୌଣସି ତଥ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଏନେଇ ଭିଜିଲାନ୍ସ ତଦନ୍ତ ପାଇଁ ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ ଦାବି କରିଛନ୍ତି। ଅପରପକ୍ଷେ ତା ୨୮।୯।୨୦୧୮ ରିଖରେ ଉକ୍ତ ପଞ୍ଚାୟତର ବିଦ୍ୟାଧର ମହାନ୍ତି ନାମକ ଜଣେ ବ୍ୟକ୍ତି ପଞ୍ଚାୟତର ଯୋଗାଣ ସାମଗ୍ରୀ, ସରକାରୀ ଆବାସ ଗୃହ, ଏସ୍‌ଏଫ୍‌ସି ଓ ସିଏଫ୍‌ସି ଅନୁଦାନ ସମ୍ପର୍କରେ ଆରଟିଆଇ ଆଇନ ବଳରେ ହାଟଡିହୀ ବ୍ଲକ ପିଆଇଓଙ୍କୁ ତଥ୍ୟ ପ୍ରଦାନ ପାଇଁ ଆବେଦନ କରିଥିଲେ। ୧୧ ମାସ ପରେ ବି ତାଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଉ ନ ଥିବା ସେ କହିଛନ୍ତି। ସେହିପରି ପଞ୍ଚାୟତର ୧ ନଂ. ୱାର୍ଡର ବାସିନ୍ଦା ଜଗନ୍ନାଥ ବାରିକ ତା୧୯।୭।୨୦୧୯ ରିଖରେ ଅନ୍ନପୂର୍ଣ୍ଣା ଯୋଜନା, ପଞ୍ଚାୟତ ଏସ୍‌ଏଫ୍‌ସି ଓ ସିଏଫ୍‌ସି ସମ୍ପର୍କରେ ହାଟଡିହୀ ପିଆଇଓଙ୍କୁ ଆରଟିଆଇ ଆଇନ ବଳରେ ତଥ୍ୟ ମାଗିଥିଲେ। ୨ମାସ ବିତିଥିଲେ ବି ତାଙ୍କୁ ମଧ୍ୟ କୌଣସି ପ୍ରକାର ତଥ୍ୟ ପ୍ରଦାନ କରାଯାଇନି। ଏ ନେଇ ପିଆଇଓ ଅଧିକାରୀ ଲକ୍ଷ୍ମୀକାନ୍ତ ବାରିକ କହିଛନ୍ତି, ଆବେଦନକାରୀ ମାଗିଥିବା ତଥ୍ୟ ଆମେ ବ୍ଲକର ସଂପୃକ୍ତ ବିଭାଗକୁ ତଥ୍ୟ ପ୍ରଦାନ ପାଇଁ ପଠାଇଛୁ। ପରେ ରିମାଇଣ୍ଡର ଚିଠି ବି ଦେଇଛୁ। କିନ୍ତୁ ସଂପୃକ୍ତ ବିଭାଗ ଆମକୁ କୌଣସି ତଥ୍ୟ ନ ଦେବାରୁ ଆମେ ଆବେଦନକାରୀଙ୍କୁ ତଥ୍ୟ ପ୍ରଦାନ କରିପାରୁନୁ। ଅନ୍ୟପକ୍ଷେ ପୂର୍ବତନ ସରପଞ୍ଚ ନାୟକ କହିଛନ୍ତି, ଅନିୟମିତତା ଧରାପଡିବା ଭୟରେ ବ୍ଲକ ପ୍ରଶାସନ ଜାଣି ଶୁଣି ତଥ୍ୟ ଦେଉନି।